بِسۡمِ اللّٰہِ الرَّحۡمٰنِ الرَّحِیۡمِ

**୩ ମଇ ୨୦୨୪ ଖୁତ୍‌ବା ଜୁମାର ସାରାଂଶ**
**ସ୍ଥାନ - ମସଜିଦ୍ ମୁବାରକ୍, ଇସ୍‌ଲାମାବାଦ୍ ଟିଲ୍‌ଫୋର୍ଡ଼**

**ଓ୍ୱହଦ୍ ଯୁଦ୍ଧ ଓ ହମ୍‌ରାଉଲ୍ ଅସଦ୍ ଯୁଦ୍ଧରେ ହଜରତ ମୁହମ୍ମଦ ସ.ଅଙ୍କର ଭୂମିକା ଏବଂ ବିଶ୍ୱର ସଙ୍କଟାପର୍ଣ୍ଣ ପରିସ୍ଥିତି ଓ ଆମର ପ୍ରିୟ ମୁନିବ ହୁଜୁର ଅନଓ୍ୱର ଅ.ବଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ଲାଭ ହେବା ନିମନ୍ତେ ଦୁଆର ଆହ୍ୱାନ ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍ଲଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ଗତ ଖୁତ୍‌ବାରେ ହମ୍‌ରାଉଲ୍ ଅସଦ୍ ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ଏହି ପ୍ରସଙ୍ଗରେ ଅର୍ଥାତ ଓ୍ୱହଦ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରିବା ଏବଂ ହମ୍‌ରାଉଲ୍ ଅସଦ୍ ଯୁଦ୍ଧର ଚର୍ଚ୍ଚା କରି ହଜରତ ମିର୍ଜା ବଶିର ଅହେମଦ୍ ସାହେବ କୁହନ୍ତି; ଓ୍ୱହଦ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନର ରାତ୍ରି ଆମମାନଙ୍କ ସକାଶେ ଏକ ପ୍ରକାରର କାଳରାତ୍ରି ସଦୃଶ ପାଲଟି ଥିଲା । କାରଣ ଯଦିଚ କୁରୈଶର ଅମାନ୍ୟକାରୀ ଦଳ ମକ୍କା ଫେରିଯିବାର ମାର୍ଗ ଧରିଥିଲେ କିନ୍ତୁ ଏହା ଭୟ ଥିଲା କି ସେମାନଙ୍କର ଏହି କାର୍ଯ୍ୟ ମୁସଲମାନମାନଙ୍କୁ ଆଶ୍ୱସ୍ତ କରିବା ଉଦ୍ଦେଶ୍ୟରେ ହୋଇ ନଥାଉ । ସୁତରାଂ ସେହି ରାତ୍ରିରେ ମୁସଲମାନମାନେ ମଦିନାରେ ପହରା ଦେବାର ବ୍ୟବସ୍ଥା କଲେ । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ବାସ ଭବନରେ ବିଶେଷ ସୁରକ୍ଷା ବ୍ୟବସ୍ଥା କରାଗଲା । ପ୍ରଭାତରେ ଜ୍ଞାତ ହେଲା ଯେ, ସେହି ଆଶଙ୍କା ମାତ୍ର ଏକ ଭିତ୍ତିହୀନ ମାନବୀୟ ପରିକଳ୍ପନା ନଥିଲା । କାରଣ ଫଜର୍ ନମାଜ ପୂର୍ବରୁ ହୁଜୁର ସ.ଅଙ୍କୁ ସୂଚନା ମିଳିଗଲା ଯେ, କୁରୈଶର ଅମାନ୍ୟକାରୀ ଦଳ କିଛି ଦୂର ଅତିକ୍ରମ କରିବା ପରେ ଅଟକି ଯାଇଛି ଏବଂ କୁରୈଶର ଧନାଢ଼୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଯୁକ୍ତିତର୍କ ଚାଲିଛି କି ନା ତୁମେମାନେ ମୁହମ୍ମଦ ସ.ଅଙ୍କୁ ହତ୍ୟା କଲ, ନା ମୁସଲମାନ ମହିଳାମାନଙ୍କୁ ଦାସୀ କରି ଆଣିଲ, ନା ସେମାନଙ୍କ ଧନସମ୍ପତ୍ତିକୁ ନିଜ ଅଧିନ କରିପାରିଲ ବରଂ ଯେତେବେଳେ ତୁମେ ସେମାନଙ୍କ ଉପରେ ବିଜୟ ପ୍ରାପ୍ତ କଲ ସେତେବେଳେ ସେମାନଙ୍କୁ ଏମିତି ଛାଡ଼ି ଚାଲି ଆସିଲ । ଯଦ୍ୱାରା ସେମାନେ ପୁନର୍ବାର ଶକ୍ତିଶାଳୀ ହୋଇଯିବେ । ଅତଏବ ଏବେ ମଧ୍ୟ ସମୟ ଅଛି (ମଦିନା) ଫେରି ମୁସଲମାନମାନଙ୍କ ଉପରେ ଅତର୍କିତ ଆକ୍ରମଣ କରିଦିଅ । ଏହା ବିପରୀତ ସେମାନଙ୍କ ଅନ୍ୟ ଅଧିପତିମାନେ କହୁଥିଲେ, ତୁମକୁ ଗୋଟିଏ ବିଜୟ ଲାଭ ହୋଇଛି ସେଥିରେ ସନ୍ତୁଷ୍ଟ ହୋଇ ମକ୍କା ବାହୁଡ଼ି ଚାଲ । ଏପରି ନହେଉ କି ଏହି ବିଜୟ ମଧ୍ୟ ପରାଜୟରେ ରୂପାନ୍ତର ହୋଇଯାଉ । ପୈଗମ୍ବର ମୁହମ୍ମଦ ମୁସ୍ତଫା ସ.ଅଙ୍କୁ ଯେତେବେଳେ ଏହି ଖବର ମିଳିଲା, ହୁଜୁରସ.ଅ ମୁସଲମାନମାନଙ୍କୁ ସଙ୍ଗେସଙ୍ଗେ (ଅମାନ୍ୟକାରୀଙ୍କ) ମୁକାବିଲା ନିମନ୍ତେ ବାହାରିବାକୁ ଆଦେଶ ଦେଲେ । ଏଥିସହିତ ନିର୍ଦ୍ଦେଶ ଦେଲେ କି ଏହି ଅଭିଯାନରେ କେବଳ ସେହି ଲୋକମାନେ ଯେ ଓ୍ୱହଦ୍ ଯୁଦ୍ଧରେ ଆମ ସହିତ ସାମିଲ ଥିଲେ ସେହିମାନେ ଆସି ପାରିବେ । ତାଙ୍କ ବ୍ୟତୀତ ଅନ୍ୟ କେହି ଆସିବେ ନାହିଁ । ଓ୍ୱହଦ୍ ଯୁଦ୍ଧରେ ଆହତ ହୋଇଥିବା ସାହାବାମାନେ ନିଜ ଜଖମକୁ ବାନ୍ଧି ନିଜ ପ୍ରିୟ ମୁନିବଙ୍କ ସହିତ ବାହାରି ପଡ଼ିଲେ । ଆଠ ମାଇଲ୍ ଯାତ୍ରା କରିବା ପରେ ଅର୍ଥାତ ହମ୍‌ରାଉଲ୍ ଅସଦ୍ ସ୍ଥାନରେ ପହଞ୍ଚି ହଜରତ ମୁହମ୍ମଦ ମୁସ୍ତଫାସ.ଅ ମୁସଲମାନ (ସେନାକୁ ଶିବିର ଲଗାଇ) ଅଗ୍ନି ପ୍ରଜ୍ୱଳିତ କରିବାକୁ ଆଦେଶ ଦେଲେ । ବସ୍ତୁତଃ ୫୦୦ ଅଗ୍ନି ଶିଖା ନିମିଷକେ ପ୍ରଜ୍ୱଳିତ ହୋଇ ଉଠିଲା । ସେହିସ୍ଥଳେ କୁରୈଶର ଆଉ ଜଣେ ଅଧିପତି ମୁଅବଦ୍ ହୁଜୁର ସ.ଅଙ୍କୁ ସାକ୍ଷାତ କରିବା ପରେ ଆଗକୁ ଅଗ୍ରସର ହୋଇଗଲା । ଆଗରେ ସେ ଅବୁ ସୁଫୟାନ୍ ଓ କୁରୈଶର ଅମାନ୍ୟକାରୀମାନଙ୍କୁ ଭେଟିଲା ଏବଂ ସେ ହଜରତ

ମୁହମ୍ମଦ ମୁସ୍ତଫା[ସ.ଅ] ଓ ତାଙ୍କ ସୈନ୍ୟଦଳର ଦୁଃସାହସିକତା ବଖାଣି ତାଙ୍କୁ ଭୟଭୀତ କଲା, ସେମାନଙ୍କ ମନୋବଳ ଭୁଷୁଡ଼ି ପଡ଼ିଲା । ମୁଅବଦ୍ କଥାର ଅମାନ୍ୟକାରୀଙ୍କ ଉପରେ ଏପରି ପ୍ରଭାବ ପଡ଼ିଲା ଯେ ସେମାନେ ମଦିନା ଉପରେ ଆକ୍ରମଣ କରିବାର ଯୋଜନା ପାସୋରି ସେହିକ୍ଷଣି ମକ୍କା ଫେରି ଯିବାର ବାଟ ଧରିଲେ ।

ନବୀଶିରୋମଣୀ ହମ୍ରାଉଲ୍ ଅସଦ୍‌ରେ ଦୁଇ ତିନିଦିନ ଅବସ୍ଥାନ କଲେ ଏବଂ ପାଞ୍ଚଦିନ ପରେ ମଦିନା ଫେରି ଆସିଲେ । ଓ୍ୱହଦ୍ ଯୁଦ୍ଧର ପରିଣାମ ସମ୍ପର୍କରେ (ଇତିହାସବିତ୍‌ଙ୍କ ମଧ୍ୟରେ) ଦୀର୍ଘକାଳ ପର୍ଯ୍ୟନ୍ତ ତର୍କବିତର୍କ ହୋଇଛି । କେତେକ ଜୀବନୀ ଲେଖାଳୀ ତାହାକୁ (ମୁସଲମାନମାନଙ୍କର) ପରାଜୟ ଗଣନା କରିଛନ୍ତି । ଆଉ କେତେକ ତାହାକୁ ପରାଜୟ କହିବାକୁ ବିମୂଖ ହୋଇ ମଧ୍ୟବର୍ତ୍ତୀ ମାର୍ଗ ଅବଲମ୍ବନ କରିଛନ୍ତି । ହଁ ଆଉକିଛି ଏପରି ରହିଛନ୍ତି ଯେ ଏପରି ଏକ ପରାଜୟ ପରେ (ମୁସଲମାନମାନେ) ବିଜୟ ମଣ୍ଡିତ ହେବା ଦର୍ଶାଇଛନ୍ତି । ବାସ୍ତବରେ ସେ ସମୟର ଯୁଦ୍ଧ ନୀୟମାବଳୀ ଓ ପ୍ରଚଳୀତ ପ୍ରଥା ଅନୁଯାୟୀ ଉକ୍ତ ଯୁଦ୍ଧକୁ ମୁସଲମାନମାନଙ୍କ ପରାଜୟ କୁହାଯାଇ ପାରିବ ନାହିଁ । କାରଣ ଶେଷ ସମୟ ପର୍ଯ୍ୟନ୍ତ ରଣକ୍ଷେତ୍ରରେ ମୁସଲମାନମାନେ ଉପସ୍ଥିତ ଥିଲେ ଯେତେବେଳେ ଅବୁ ସୁଫୟାନ୍ ଶ୍ଳୋଗାନ ଲଗାଇ ବାହୁଡ଼ି ଗଲା କି ଆଜି ଆମେ ବଦର୍ ଯୁଦ୍ଧର ପ୍ରତିଶୋଧ ନେଇନେଲୁ । **କିନ୍ତୁ ସେଥିରେ ବଦର୍‌ର ପ୍ରତିଶୋଧ କିପରି ପୂରଣ ହେଲା ?** ଯେତେବେଳେ କି ବଦର୍ ଯୁଦ୍ଧରେ କୁରୈଶର ବଡ଼ ବଡ଼ ସରଦାର୍ ନିହତ ହୋଇଥିଲେ, ମୁସଲମାନମାନେ ଜିଣି ଆଣିଥିବା ଅନେକ ଧନସମ୍ପତ୍ତିର ମାଲିକ ହୋଇଥିଲେ, ୭୦ଜଣ ଅମାନ୍ୟକାରୀ କଏଦ ହୋଇଥିଲେ । ଏହିପରି ଜୟ ଲାଭ କରିବା ପରେ ବଦର୍ କ୍ଷେତ୍ରରେ ମୁସଲମାନମାନେ ତିନିଦିନ ପର୍ଯ୍ୟନ୍ତ ଅବସ୍ଥାନ କରିଥିଲେ । ଯେତେବେଳେ କି ଓ୍ୱହଦ୍ ଯୁଦ୍ଧରେ (ପ୍ରଭୁ) ଅମାନ୍ୟକାରୀଙ୍କୁ ଏଥିମଧ୍ୟରୁ କୌଣସି ଗୋଟିଏ ହେଲେ ସଫଳତା ପ୍ରଦାନ କରି ନଥିଲେ । ତେଣୁ ସେଥିରେ ତାଙ୍କର ବଦର୍‌ର ପ୍ରତିଶୋଧ ପୂରଣ ହେବା କହିବା ମସ୍ତବଡ଼ ଭୁଲ ଧାରଣା । ହଁ ଓ୍ୱହଦ୍ ଯୁଦ୍ଧର ପ୍ରଥମ ପର୍ଯ୍ୟାୟରେ ଜୟଯୁକ୍ତ ହେବା ପରେ ଦ୍ୱିତୀୟ ପର୍ଯ୍ୟାୟରେ (ମୁସଲମାନମାନଙ୍କର) ଅନେକ ମୂଲ୍ୟବାନ ପ୍ରାଣହାନୀ ଘଟିଥିଲା ।

ହଜରତ ମିର୍ଜା ବଶିର ଅହେମଦ୍ ସାହେବ ବର୍ଣ୍ଣନା କରନ୍ତି; ଏକ ସ୍ଥାୟୀ ପରିଣାମ ଉଦ୍ଧୃତ ହେବା ଦୃଷ୍ଟିରୁ ବଦର୍ ଯୁଦ୍ଧ ମୁକାବିଲାରେ ଓ୍ୱହଦ୍ ଯୁଦ୍ଧର କୌଣସି ସ୍ଥାନ ନାହିଁ । କିନ୍ତୁ କ୍ଷଣକ ପାଇଁ ସେଥିରେ ମୁସଲମାନମାନଙ୍କର ନିଶ୍ଚିତ ରୂପେ କ୍ଷତି ହୋଇଥିଲା । **ପ୍ରଥମତଃ** ଉକ୍ତ ଯୁଦ୍ଧରେ ୭୦ଜଣ ସାହାବୀ ଶହିଦ୍ ହୋଇଥିଲେ । ଯେଉଁମାନଙ୍କ ମଧ୍ୟରେ ବଡ଼ ବଡ଼ ସାହାବୀ ସାମିଲ୍ ଥିଲେ । ଆଉ ଆଘାତ ପ୍ରାପ୍ତ ସାହାବୀଙ୍କ ସଂଖ୍ୟା ତ ଖୁବ୍ ଅଧିକ ରହିଥିଲା । **ଦ୍ୱିତୀୟତଃ** ମଦିନାର ୟହୁଦୀ ଓ କପଟବିଶ୍ୱାସୀ ଯେ ବଦର୍ ଯୁଦ୍ଧ ପରିଣାମରେ ଭୟପ୍ରଦ ଅବସ୍ଥାରେ କାଳାତିପାତ କରୁଥିଲେ ଓ୍ୱହଦ୍ ଯୁଦ୍ଧ ପରେ ସେମାନେ ବଳଶାଳୀ ହୋଇ ଉଠିଲେ । **ତୃତୀୟରେ** କୁରୈଶର ଅମାନ୍ୟକାରୀ ଖୁବ୍ ଦୁଃସାହସି ଓ ବଳବାନ ହୋଇ ଉଠିଲେ ଏବଂ ସେମାନେ ମନେମନେ ଏକଥା ବୁଝିନେଲେ କି ଆମେମାନେ କେବଳ ବଦର୍‌ର ପ୍ରତିଶୋଧ ନେଇ ନାହୁଁ ବରଂ ଆସନ୍ତାରେ ଯେତେବେଳେ ଚାହିଁବୁ ଦଳଗତ ଭାବରେ ମୁସଲମାନମାନଙ୍କୁ ନିମିଷକେ ତଳିତଳାନ୍ତ କରିଦେବୁ । **ଚତୁର୍ଥ** ଏହିକି ଯେ, ଆରବ୍‌ର ଅନ୍ୟ ସାଧାରଣ ଗୋଷ୍ଠୀମାନେ ଓ୍ୱହଦ୍ ଯୁଦ୍ଧ ପରେ ଅଧିକ ସାହସିକତାର ସହିତ ମୁଣ୍ଡ ଟେକିବା (ବିଦ୍ରୋହ କରିବା) ଆରମ୍ଭ କଲେ । କିନ୍ତୁ ଏସବୁ ହାନୀ ସତ୍ତ୍ୱେ ଏହା ଏକ ନିରାଟ ସତ୍ୟ ଯେ, ବଦର୍ ଯୁଦ୍ଧରେ ଅମାନ୍ୟକାରୀମାନଙ୍କୁ ଯେଉଁ ଅପାର କ୍ଷତି ସହ୍ୟ କରିବାକୁ ପଡ଼ିଥିଲା ଓ୍ୱହଦ୍ ଯୁଦ୍ଧରେ ତାଙ୍କର ଜୟଯୁକ୍ତ ହେବା ତାହାର ଭରଣ କରିପାରିବ ନାହିଁ ।

ଓ୍ୱହଦ୍ ଯୁଦ୍ଧର କ୍ଷତି ଗୋଟିଏ ଦୃଷ୍ଟିରୁ ମୁସଲମାନମାନଙ୍କ ପାଇଁ ଅନେକ ସୁଫଳ ଆଣି ଦେଇଥିଲା । କାରଣ ସେମାନଙ୍କ ଉପରେ ଏକଥା ଦିବସର ଦୀପ୍ତିମୟ ପ୍ରକାଶ ପରି ପ୍ରମାଣସିଦ୍ଧ ହୋଇଥିଲା ଯେ, ନବୀଶ୍ରେଷ୍ଠଙ୍କ ମନସ୍କାମନା ଓ ନିର୍ଦ୍ଦେଶାବଳୀ ବିପକ୍ଷରେ ପାଦ ଆଗକୁ ଅଗ୍ରସର କଲେ କଦାପି ବିଜୟ ଓ ସାଫଲ୍ୟ (ଲାଭ) ହୋଇ ନଥାଏ । ଉକ୍ତ ଯୁଦ୍ଧ ପୂର୍ବରୁ ହୁଜୁର[ସ.ଅ] ମଦିନାରେ ରହି ଶତ୍ରୁର ମୁକାବିଲା କରିବାର ମତବ୍ୟକ୍ତ କରିଥିଲେ ଏବଂ ସେଥି ସମ୍ପର୍କିତ ନିଜର ଏକ ସ୍ୱପ୍ନ ମଧ୍ୟ ଶୁଣାଇ ଥିଲେ । କିନ୍ତୁ ଲୋକମାନେ ବାହାରକୁ ବାହାରି ଶତ୍ରୁର ମୁକାବିଲା କରିବାକୁ ପ୍ରାଧାନ୍ୟ

ଦେଲେ । ହୁଜୁର[ସ.ଅ] ମୁସଲମାନମାନଙ୍କର ଏକ ଦଳକୁ ଓ୍ୱହଦ୍‌ର ଏକ ଗିରିପଥରେ ମୁତୟନ କରି ତାଗିଦ୍ କରିଥିଲେ କି ଏହି ସ୍ଥାନକୁ ଖାଲି ଛାଡ଼ିବ ନାହିଁ । କିନ୍ତୁ ସେମାନେ ଧନରତ୍ନ ଲାଳଷାରେ ଗିରିପଥ ଛାଡ଼ି ଚାଲି ଆସିଲେ । **ସୁତରାଂ ଓ୍ୱହଦ୍ ଯୁଦ୍ଧରେ ପରାଜୟ ଯଦି ଗୋଟିଏ ଦୃଷ୍ଟିରୁ ଅତିଶୟ କଷ୍ଟଦାୟକ ଥିଲା ତେବେ ଅନ୍ୟ ପାର୍ଶ୍ୱରୁ ତାହା ମୁସଲମାନମାନଙ୍କ ସକାଶେ ଏକ ଦୀର୍ଘକାଳିନ ଓ ଲାଭଦାୟକ ଶିକ୍ଷା ହାସଲ କରିବାର ସ୍ରୋତ ପାଲଟିଗଲା ।**

ଜମାଅତ ଅହେମଦିୟାର ଚତୁର୍ଥ ଖଲିଫା ନିଜର ଏକ ଅଭିଭାଷଣରେ ଓ୍ୱହଦ୍ ଯୁଦ୍ଧ ପରବର୍ତ୍ତୀ ସମୟର ବିଶ୍ଲେଷଣ କରି କିଛି ତଥ୍ୟ ଉପସ୍ଥାପନ କରିଛନ୍ତି । **ପ୍ରଥମତଃ** ମୁସଲମାନମାନଙ୍କ ମନରୁ ପରାଜୟ ବରଣ କରିବାର ଭାବନାକୁ ସମ୍ପୂର୍ଣ୍ଣ ରୂପେ ପଶମିତ କରିବା ସକାଶେ ତାହା ଠାରୁ ଉତ୍ତମ ଅନ୍ୟ କୌଣସି ପଦକ୍ଷେପ ନଥିଲା । **ଦ୍ୱିତୀୟତଃ** ଉନ୍ମାଦିତ ଓ ଉର୍ଜାରେ ପରିପୂର୍ଣ୍ଣ କିଶୋର ଯୋଦ୍ଧାମାନଙ୍କୁ ସାଥିରେ ଯିବାକୁ ଅନୁମତି ନଦେଇ ପୈଗମ୍ବର ମୁହମ୍ମଦ[ସ.ଅ] ଏହା ପ୍ରମାଣିତ କରିଦେଲେ କି ଆପଣ[ସ.ଅ] ପୂର୍ଣ୍ଣ ରୂପେ ନିଜ ପରମପିତା ଈଶ୍ୱରଙ୍କ ଉପରେ ଭରଷା କରନ୍ତି । **ତୃତୀୟରେ** ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] ନିଜର ସେହି ସାହାବାମାନଙ୍କୁ ଉତ୍ସାହିତ କରି ତାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ପ୍ରକଟ କରିଥିଲେ ଯାହାଙ୍କ ପାଦ ଓ୍ୱହଦ୍ ରଣକ୍ଷେତ୍ରରେ ଆନ୍ଦୋଳିତ ହୋଇ ଯାଇଥିଲା । **ଚତୁର୍ଥ** ଇସଲାମର ସଂସ୍ଥାପକ ହଜରତ ମୁହମ୍ମଦ [ସ.ଅ]ଙ୍କର ନିଜ ଅନୁଚରମାନଙ୍କ ଉପରେ ଏହି ଶତ ପ୍ରତିଶତ ଆସ୍ଥା ରଖିବା କୌଣସି ବ୍ୟକ୍ତିଗତ ଆବେଗ ପୂର୍ଣ୍ଣତା (ଆଧାର)ରେ ନଥିଲା । ବରଂ ଓ୍ୱହଦ୍ ଯୁଦ୍ଧର ଦ୍ୱିତୀୟ ଦିନ ହୁଜୁର [ସ.ଅ]ଙ୍କର ଶତ୍ରୁର ଅନ୍ୱେଷଣରେ ବାହାରିବାର ନିଷ୍ପତ୍ତି ନିଜ ସାଥିମାନଙ୍କ ଉପରେ ଏକ ମହାନ ଅନୁକମ୍ପା ଥିଲା, ଯାହାକି କଦାପି କୌଣସି ସେନାଧକ୍ଷ ନିଜ ସେନା ଉପରେ କରି ନାହାନ୍ତି । ଯଦ୍ୱାରା ସେମାନଙ୍କୁ ପହଞ୍ଚି ଥିବା ଆଘାତର ବେଦନାକୁ ସମ୍ପୂର୍ଣ୍ଣ ରୂପେ ପଶମିତ କରି ଦେଇଥିଲା । ଅଲ୍ଲାହୁମ୍ମା ସଲ୍ଲି ଆଲା ମୁହମ୍ମଦିନ୍ ଓ ଆଲା ଆଲେ ମୁହମ୍ମଦିଉଁ ଓ ବାରିକ୍ ଓ ସଲ୍ଲିମ୍ ଇନ୍ନକା ହମିଦୁନ୍ ମଜିଦ୍ । ପଞ୍ଚମ ପରବର୍ତ୍ତୀ ଘଟଣାବଳୀ ଏହା ପ୍ରମାଣିତ ହେଉଛି ଯେ, ନବୀଶ୍ରେଷ୍ଠ [ସ.ଅ]ଙ୍କର ସେହି ପଦକ୍ଷେପ ମାନବିୟ ଆବେଗ ଓ ବ୍ୟଗ୍ରତା ବଶତଃ ନଥିଲା ବରଂ ସାମରିକ ଦୃଷ୍ଟିକୋଣରୁ ମଧ୍ୟ ଅତି ପ୍ରଭାବଶାଳୀ ପ୍ରମାଣିତ ହେଲା । ହଜରତ ମୁହମ୍ମଦ ମୁସ୍ତଫା[ସ.ଅ] କେବଳ ନିଜ ବୁଦ୍ଧିଜ୍ଞାନ ଓ ଯୋଜନା ମାଧ୍ୟମରେ ଅନେକ ମହତପୂର୍ଣ୍ଣ ସୁଫଳ ଲଭି ଥିଲେ । ଚତୁର୍ଥ ଖଲିଫା କୁହନ୍ତି; ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କର ଏହି କିଛି ଯୁଦ୍ଧରେ ସାମିଲ ହେବା ପ୍ରସଙ୍ଗ ଉପରେ ଦୃଷ୍ଟି ନିକ୍ଷେପ କଲେ ଆପଣ [ସ.ଅ]ଙ୍କ ଦୟା, ଅଦମ୍ୟ ଓ ଅସାଧାରଣ ପ୍ରତିଭା ପ୍ରତିପାଦିତ ହେଉଅଛି । କିନ୍ତୁ ହୁଜୁର [ସ.ଅ]ଙ୍କର ପ୍ରଥମ ଓ ଶିର୍ଷ ଆସନ (ମର୍ଯ୍ୟାଦା) ଏକ ବୀର ଓ ଧୁରନ୍ଧର ଯୋଦ୍ଧା ନୁହେଁ ବରଂ ଜଣେ ଚାରିତ୍ରିକ ଓ ଆଧ୍ୟାତ୍ମିକ ସରଦାର୍‌ର ଥିଲା । ଯାହାଙ୍କ ହସ୍ତରେ ମର୍ଯ୍ୟାଦାପୂର୍ଣ୍ଣ ଚରିତ୍ର (ନିର୍ଦ୍ଧାରଣ କରିବା)ର ବାନା ଅର୍ପଣ କରାଯାଇ ଥିଲା । ସେହି ଶ୍ରେଷ୍ଠନବୀ ଉତ୍ତମ ଚରିତ୍ର ଗଠନର ଧ୍ୱଜା ଉଡ଼ାଇବା ଓ ତାହାକୁ ଉର୍ଦ୍ଧ୍ୱଗାମୀ କରିବା ସକାଶେ ଯେପରି ସକ୍ରିୟ ଓ ବ୍ୟସ୍ତ ରହୁଥିଲେ ଏବଂ ଏହି କ୍ଷେତ୍ରରେ ନିରନ୍ତର ପ୍ରୟାସରତ ରହୁଥିଲେ, ଏପରିକି ତାହା ଉଭୟ ଶାନ୍ତିପୂର୍ଣ୍ଣ ଓ ଯୁଦ୍ଧର ଉତ୍କଟ ପରିସ୍ଥିତରେ ମଧ୍ୟ ଅପରିବର୍ତ୍ତିତ ରହିଥିଲା ।

ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; ଓ୍ୱହଦ୍‌ର ଯୁଦ୍ଧ ହଜରତ ମୁହମ୍ମଦ ମୁସ୍ତଫା [ସ.ଅ]ଙ୍କ ସତ୍ୟତାର ଏକ ଶ୍ରେଷ୍ଠ ନିଦର୍ଶନ । ଉକ୍ତ ଯୁଦ୍ଧରେ ହୁଜୁର [ସ.ଅ]ଙ୍କ ଭବିଷ୍ୟତ ବାଣୀ ଅନ୍ତର୍ଗତ ପ୍ରଥମେ ମୁସଲମାନମାନଙ୍କୁ ବିଜୟ ଲାଭ ହେଲା, ସେଥିଅନ୍ତେ ଆପଣଙ୍କର ପ୍ରିୟ ଚଚା (ହଜରତ ହମଜାଃ[ର.ଅ]) ଯୁଦ୍ଧରେ ଶହିଦ୍ ହେଲେ । ପ୍ରାରମ୍ଭିକ ଆକ୍ରମଣରେ ଅମାନ୍ୟକାରୀଙ୍କ ଧ୍ୱଜାଧାରୀ ନିହତ ହୋଇଥିଲା । ପୁନଶ୍ଚ ଆପଣ [ସ.ଅ]ଙ୍କ ଭବିଷ୍ୟତ ବାଣୀ ଅନୁଯାୟୀ ହୁଜୁର ସ୍ୱୟଂ ଆହତ ହୋଇଥିଲେ ଏବଂ ଅନେକ ସାହାବା ଶହିଦ୍ ହୋଇଗଲେ । ଏତଦ୍ ବ୍ୟତୀତ ମୁସଲମାନମାନଙ୍କୁ ଏପରି ନିଷ୍ଠା ଓ ଦୃଢ଼ ବିଶ୍ୱାସର ପ୍ରଦର୍ଶନ କରିବାର ଅବସର ଲାଭ ହେଲା ଯାହାର ଦୃଷ୍ଟାନ୍ତ ଇତିହାସ ପୃଷ୍ଠାରେ ବିରଳ ଅର୍ଥାତ ଅନ୍ୟ କୌଣସି ସ୍ଥଳେ ଏପରି ଉଦାହରଣ ଦେଖିବାକୁ ମିଳୁ ନାହିଁ ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏଠାରେ ଓ୍ୱହଦ୍ ଯୁଦ୍ଧ ସମାପ୍ତ ହେବା ସଙ୍ଗସଙ୍ଗେ ହମ୍‌ରାଉଲ୍ ଅସଦ୍‌ର ଅଭିଯାନ ପ୍ରସଙ୍ଗ ମଧ୍ୟ ସମାପ୍ତ ହେଲା ।

ଅଧିକନ୍ତୁ ମହାମହିମ ହୁଜୁର ଅନୱର[ଅ.ବ] ବିଶ୍ୱର ଶୋଚନୀୟ ପରିସ୍ଥିତି, ମୁସଲମାନମାନଙ୍କ ଅବସ୍ଥା ଓ ନିରୀହ ଫିଲିସ୍ତିନ୍‌ବାସୀଙ୍କ ସକାଶେ ଦୁଆ କରିବାକୁ ଧାନ ଆକର୍ଷିତ କଲେ । ଯଦିଚ କିଛି କ୍ଷେତ୍ରରୁ ଏହି ପ୍ରତିକ୍ରିୟା ଦେଖିବାକୁ ମିଳୁଛି କି ସିଜ୍ ଫାୟାର୍ କିଛି ସମୟ ପାଇଁ ହେବ କିନ୍ତୁ ଯାହା ଦେଖିବାକୁ ମିଳୁଅଛି ସେଥିରୁ ପ୍ରତୀତ ହେଉଛି କି ଯଦି ତାହା ହୁଏ ତଥାପି ଫିଲିସ୍ତିନ୍‌ବାସୀଙ୍କ ଉପରେ ଜାରି ରହିଥିବା ଅନ୍ୟାୟ ଅତ୍ୟାଚାରରେ ଜବନିକା ପଡ଼ିବ ନାହିଁ । ତେଣୁ ବହୁତ ଦୁଆ କରିବାର ଆବଶ୍ୟକତା ରହିଛି ଅଲ୍ଲାଃତାଲା ସେହି ନିରୀହ ଫିଲିସ୍ତିନ୍‌ବାସୀଙ୍କୁ ମଧ ଶକ୍ତି ପ୍ରଦାନ କରନ୍ତୁ କି ସେମାନେ ଅଧିକରୁ ଅଧିକ ନିଜ ସୃଷ୍ଟିକର୍ତ୍ତାଙ୍କ ସମ୍ମୁଖରେ ନତମସ୍ତକ ହୋଇ ବିନୟ ଗୁହାରୀ କରନ୍ତୁ । ତେବେ ସେ ଯାହା ହେଉ ଏବେ ଅନୁମିତ ହେଉଛି ଯେ, ପ୍ରଭୁ ସେହି ଗର୍ବି ଓ ଅହଂକାରୀମାନଙ୍କ ଗର୍ବ ଚୁରମାର କରିବାର ପ୍ରବନ୍ଧ କରି ଦେଲେଣି । ତେବେ ତାହା କେବେ ଅନ୍ତ ହେବ ତାହା ସେହି ପରାକ୍ରମୀ ଈଶ୍ୱର ହିଁ ଭଲ ଭାବରେ ଜାଣନ୍ତି । କାରଣ ସେମାନଙ୍କ ମଧରେ ହିଁ ମତାନ୍ତର ସୃଷ୍ଟି ହୋଇଗଲାଣି । ଆମେରିକାରେ ସାଧାରଣ ଜନତା ମଧ ଏହାର ବିରୋଧରେ ସ୍ୱର ଉତ୍ତୋଳନ ପୂର୍ବକ ବିଦ୍ରୋହ ଆରମ୍ଭ କରିଦେଲେଣି । ଆଉ ପ୍ରଶାସକ ତାହାକୁ ରୋକିବା ପାଇଁ ନିଜ ଶକ୍ତି ପ୍ରଦର୍ଶନ କରୁଛନ୍ତି କି କିପରି ଏହି ବିଦ୍ରୋହ ବନ୍ଦ ହେଉ । **କିନ୍ତୁ ଏହି ଅଗ୍ନି ତ ଏବେ ଅଧିକ ପ୍ରଜ୍ୱଳିତ ହେବ ଯଦି କ୍ଷଣକ ପାଇଁ ଶିଥିଳ ପଡ଼େ ତେବେ ସୁଧା ପୁର୍ନବାର ତାହା ନିଜର ପ୍ରତାପ ଦେଖାଇବ ।** ଅଲ୍ଲାଃତାଲା ଶକ୍ତିଶାଳୀ ରାଷ୍ଟ୍ରମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ କି ସେମାନେ ନ୍ୟାୟ ଆଚରଣ କରନ୍ତୁ । ନିଜ ପାଇଁ ସେମାନଙ୍କର ନୀତି ନୀୟମ ଗୋଟିଏ ପ୍ରକାର ହେଲେ ଅନ୍ୟ ପାଇଁ ଆଉ ଏକ ପ୍ରକାରର । ଏଇଥି ପାଇଁ ଗୋଟିଏ ସମୟରେ ଯାଇ ମିଳିତ ଜାତିସଂଘ ଆଉ ତିଷ୍ଟି ରହି ନଥାଏ, ଭାଙ୍ଗି ଯାଇଥାଏ ।

ପରିଶେଷରେ ମହାମାନ୍ୟ ହଜୁର ଅନୱର[ଅ.ବ] ନିଜ ସ୍ୱାସ୍ଥ୍ୟ ସଂକ୍ରାନ୍ତରେ ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁଗ୍ରହ ପୂର୍ବକ ସୂଚିତ କରାଇ କହିଲେ; ଦ୍ୱିତୀୟ ଦୁଆର ଦରଖାସ୍ତ ଯାହାକି ଆଜି ମୁଁ କରିବାକୁ ଚାହେଁ ତାହା ନିଜ ପାଇଁ ଅଟେ । ଦୀର୍ଘଦିନ ହେଲା ମୋ ହୃଦୟର ଭାଲଭ୍ (Valve)ରେ ଯନ୍ତ୍ରଣା ହେଉଥିଲା । ଡ଼ାକ୍ତର ପ୍ରୋସିଜିୟୋର୍ କରିବା ପାଇଁ ପରାମର୍ଶ ଦେଉଥିଲେ କିନ୍ତୁ ମୁଁ ତାଙ୍କ କଥା ପ୍ରତି ଧାନ ଦେଉ ନଥିଲି । ଏବେ ଡ଼ାକ୍ତରମାନେ ସ୍ପଷ୍ଟ କହିଦେଲେ କି ଏଥିରେ ଆଉ ଅବହେଳା କରିବା ଓ ଅଧିକ ସମୟ ନଷ୍ଟ କରିବା ଠିକ୍ ହେବ ନୁହେଁ । ଅତଏବ ତାଙ୍କ ପରାମର୍ଶ ଅନୁଯାୟୀ ବିଗତ ଦିନରେ ଭାଲଭ୍ (Valve) ପରିବର୍ତ୍ତନର ପ୍ରୋସିଜିୟୋର୍ ହେଲା । ଅଲ୍ଲାଃତାଲାଙ୍କ ବିଶେଷ ଅନୁକମ୍ପା ଫଳରେ ସମସ୍ତ ପ୍ରକ୍ରିୟା ସଫଳତା ପୂର୍ବକ ସମ୍ପନ୍ନ ହେଲା । ଏଥିଯୋଗୁଁ ଡ଼ାକ୍ତରଙ୍କ ପରାମର୍ଶକ୍ରମେ ମୁଁ କିଛି ଦିନ ମସଜିଦ୍‌ରେ ଅନୁପସ୍ଥିତ ରହିଥିଲି । ବିଶେଷଜ୍ଞଙ୍କ କହିବାନୁଯାୟୀ ଯେଉଁ ଚିକିତ୍ସା ଅର୍ଥାତ ଡ଼ାକ୍ତରୀ ପ୍ରୋସିଜିୟୋର୍ ହେବା ଉପଯୋଗୀ ଥିଲା ତାହା ଅଲ୍ଲାଃଙ୍କ କୃପାରୁ ସଫଳ ହୋଇଯାଇଛି । ଦୁଆ କରିବେ ଅଲ୍ଲାଃତାଲା ଯେତେ ଆୟୁସ ପ୍ରଦାନ କରିବାର ଧାର୍ଯ୍ୟ କରିଛନ୍ତି ତାହା ସାର୍ଥକ ହେଉ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।